## ସଂକ୍ଷେପରେ

### ଜୟମଙ୍ଗଳ କେନାଲ, ରାହାଡ଼ା ନାଳ ପୁନରୁଦ୍ଧାର ହେବ

**ବିଧାନସଭାରେ ଜଣାଇଲେ ମନ୍ତ୍ରୀ**

**ଛତ୍ରପୁର,୨୦।୨(ଡି.ଏନ.ଏ):** ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଚଳିତ ବିଧାନସଭା ଅଧିବେଶନରେ ଜୟମଙ୍ଗଳ କେନାଲ ଓ ରାହାଡା ନାଳ ପୁନରୁଦ୍ଧାର ନିମନ୍ତେ ଏକ ପ୍ରଶ୍ନ କରିଥିଲେ। ଛତ୍ରପୁର ବ୍ଲକ ବଡମାଧପୁର, ବିପୁଲିଙ୍ଗି, ବଉଳଗାଁ, ମହାନାଦପୁର, ମୁନିଷିପେଣ୍ଠ ଆଦି ଅଞ୍ଚଳର ଚାଷ ଜମି ବର୍ଷା ଦିନେ ଜଳମଗ୍ନ ହେଉଛି। ପ୍ରତ୍ୟେକ ବର୍ଷ ଫସଲ ନଷ୍ଟ ହେଉଛି। ଜୟମଙ୍ଗଳ କେନାଲ ଓ ରାହାଡ଼ା ନାଳ ପୋତି ହୋଇଯାଇଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଜଣାଇଥିଲେ। ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ କ'ଣ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ତାଙ୍କ ଉତ୍ତରରେ କହିଥିଲେ ଯେ, ଜୟମଙ୍ଗଳ କେନାଲ ଓ ରାହାଡ଼ା ନାଳ ପୁନରୁଦ୍ଧାର ସହ କିଭଳି ଚାଷ ଜମିରୁ ଜଳ ନିଷ୍କାସନ ହୋଇପାରିବ ସେ ନେଇ ୯୯.୫୦ କୋଟି ଟଙ୍କାର ପ୍ରକଳ୍ପ ରିପୋର୍ଟ ରାଜ୍ୟ ବୈଷୟିକ କମିଟି ଦ୍ୱାରା ଅନୁମୋଦିତ ହୋଇଥିବା ଜଣାଇଥିଲେ। ସୂଚନାଯୋଗ୍ୟ, ଗତବର୍ଷ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଛତ୍ରପୁର ଆସି କେନାଲ, ନାଳ ଅନୁଧାନ କରିବା ସହ ପୁନରୁଦ୍ଧାର କରାଯିବ ବୋଲି କହିଥିଲେ। ପୂର୍ବରୁ ଜିଲାପରିଷଦ ସଭ୍ୟ ଏସ୍. କିଶୋର ରେଡ୍ଡୀ ମଧ ଜିଲାପରିଷଦ ଠାରୁ ଆରମ୍ଭ କରି ପଞ୍ଚାୟତ ସମିତି ବୈଠକରେ ମଧ ଏହି ପ୍ରସଙ୍ଗ ଉଠାଇଥିଲେ।

### ପୋଲିସ ସ୍ୱାମୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

**ଛତ୍ରପୁର,୨୦।୨(ଡି.ଏନ.ଏ.):** ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଫସିଛନ୍ତି ଜଣେ ପୋଲିସ ଏସ୍ଆଇ। ସ୍ତ୍ରୀଙ୍କ ଏତଲା ପ୍ରକାରେ ଛତ୍ରପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ପୋଲିସ ଏସ୍ଆଇ ଜଣକ ବର୍ତ୍ତମାନ ଅନ୍ୟ ଏକ ଥାନାରେ କାର୍ଯ୍ୟ କରୁଛନ୍ତି। ତଦନ୍ତ ଚାଲିଥିବାରୁ ଏହି ମାମଲା ସମ୍ପର୍କରେ ପୋଲିସ ସମ୍ପୂର୍ଣ୍ଣ ବିବରଣୀ ଦେଇନାହିଁ।

### ଭୀମ ଭୋଇ ସାମର୍ଥ୍ୟ ଶିବିର ପ୍ରସ୍ତୁତି ସଭା

**ଦିଗପହଣ୍ଡି,୨୦।୨(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ହଳଧର ଶବରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ସିଡିପିଓ ଯଶୋବନ୍ତି ସାହୁ, ବ୍ଲକ ସରପଞ୍ଚ ସଂଘ ସଭାପତି କେ. ହରିବନ୍ଧୁ ରେଡ୍ଡୀ ପ୍ରମୁଖ ମଞ୍ଚାସିନ ଥିଲେ। ଆସନ୍ତା ଗୁରୁବାର ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଏହି ଶିବିରର ଆୟୋଜନ କରାଯିବ। ୨୫ ପଞ୍ଚାୟତ ସମେତ ଦିଗପହଣ୍ଡି ଏନ୍ଏସିରେ ବସବାସ କରୁଥିବା ଦିବ୍ୟାଙ୍ଗ ମାନଙ୍କୁ ଚିହ୍ନଟ କରାଯିବା ସହ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ସେହିପରି ପୂର୍ବରୁ ପ୍ରମାଣପତ୍ର ହାସଲ କରିଥିବା ଦିବ୍ୟାଙ୍ଗ ମାନଙ୍କୁ ଆବଶ୍ୟକ ଉପକରଣ ପ୍ରଦାନ ନିମନ୍ତେ ତାଲିକା ପ୍ରସ୍ତୁତ କରାଯିବ। ବାଦ ପଡ଼ିଥିବା ଦିବ୍ୟାଙ୍ଗମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ପ୍ରଦାନ, ବସ ରିହାତି ପାସ, ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ ନିମନ୍ତେ ଚିହ୍ନଟ କରାଯାଇ ତାଲିକାଭୁକ୍ତ କରାଯିବ ବୋଲି ବିଡିଓ ସଭାରେ ପ୍ରକାଶ କରିଥିଲେ।

### ବିଚାରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା

**ପୁରୁଷୋତ୍ତମପୁର,୨୦।୨(ଡି.ଏନ.ଏ.):** ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ କର୍ମଚାରୀ ପ୍ରଶାନ୍ତ କୁମାର ପାଢ଼ୀ ପୌରୋହିତ୍ୟ କରିଥିଲେ। ଏଠାରେ ଥିବା ବିଚାରପତି ଅନ୍ନପୂର୍ଣ୍ଣା ଷଡଙ୍ଗୀଙ୍କର ପୁରୀ ମୁନସିଫ କୋର୍ଟକୁ ବଦଳି ହୋଇଥିବାରୁ କୋର୍ଟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓକିଲ ସଂଘ ପକ୍ଷରୁ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା। କୋର୍ଟ କର୍ମଚାରୀ ପ୍ରସନ୍ନ ବେହେରା, ଗଗନ ପାଣିଗ୍ରାହୀ, ମମତା ମଞ୍ଜରୀ ମହାପାତ୍ର, ମାମୁନି ବେହେରା, ଓକିଲ ସଂଘ ସଭାପତି ଜଗନ ମୋହନ ପଟ୍ଟନାୟକ, ସମ୍ପାଦକ ପ୍ରଭାତ ପଟ୍ଟନାୟକ, ବରିଷ୍ଠ ଓକିଲ ଉପେନ୍ଦ୍ର ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ସହଯୋଗ ଅଛି

**ବ୍ରହ୍ମପୁର ସମ୍ବଲପୁର ରେଳ ପ୍ରକଳ୍ପ**



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

- ୨୩ରେ ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ
- ଚୂଡାନ୍ତ ହେବ ଆଗାମୀ ରଣନୀତି

**ଭଞ୍ଜନଗର,୨୦।୨(ଡି.ଏନ.ଏ)**

କେନ୍ଦ୍ର ସରକାର ଗତ ରେଳ ବଜେଟରେ ବ୍ରହ୍ମପୁର ଭାୟା ଭଞ୍ଜନଗର ସମ୍ବଲପୁର ରେଳ ଲାଇନ ପାଇଁ ଟୋକନ ମନି ରଖିଛନ୍ତି। ପ୍ରକଳ୍ପ କାମ କିଭଳି ତ୍ୱରାନ୍ୱିତ ହୋଇପାରିବ ସେନେଇ ୨୩ରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ବୈଠକ ଭଞ୍ଜନଗରରେ ଡକାଯାଇଛି। ଗୁରୁବାର ସନ୍ଧ୍ୟାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ତାହା ପ୍ରକାଶ କରାଯାଇଛି। ଉକ୍ତ କମିଟିର ଆହ୍ୱାନକ୍ରମେ ୨୩ରେ ହେବାକୁ ଥିବା ବୈଠକରେ ଗଞ୍ଜାମ ଜିଲାର ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତା, ୪ ଜିଲାର ବାର ଆସୋସିଏଶନ କର୍ମକର୍ତ୍ତାଙ୍କ ସହ ବିଶିଷ୍ଟ ବ୍ୟକ୍ତି ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ଉକ୍ତ ବୈଠକରେ ଆଗାମୀ ରଣନିତୀ ଉପରେ ଆଲୋଚନା ହେବ।

ଗତ ବୁଧବାର ଭଞ୍ଜନଗର ବାର ଆସୋସିଏଶନ କର୍ମକର୍ତ୍ତା ଏମ୍.ତାଜ୍ ଆଦେନୀଙ୍କ ନେତୃତ୍ୱରେ ଏକ କମିଟି ଭୁବେନଶ୍ୱରଠାରେ ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ଭେଟି ରେଳ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ। ମନ୍ତ୍ରୀ ଆରୁଖ ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ପ୍ରକାର ସହଯୋଗ ଅଛି। କେନ୍ଦ୍ର ପରିବେଶ ବିଭାଗର ଅନୁମତି ଆବଶ୍ୟକ। ବ୍ୟକ୍ତିଗତ ଭାବେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ରେଳ ମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରିଛନ୍ତି ବୋଲି କହିଥିଲେ।

ପ୍ରକାଶଯେ କେନ୍ଦ୍ର ସରକାର ବଜେଟରେ ଟୋକନ ମନି ବ୍ୟବସ୍ଥା କରିଦେଲେ କିନ୍ତୁ ପ୍ରକଳ୍ପର ଚୁଡାନ୍ତ ରିପୋର୍ଟ ନିତୀଆୟୋଗର ଅନୁମୋଦନ ନହେବା ଯାଏ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ହୋଇପାରିବ ନାହିଁ। ନିତୀଆୟୋଗର ଅନୁମୋଦନ କିଭଳି ତୁରନ୍ତ ମିଳିପାରିବ ସେନେଇ ଯୋଜନା ପ୍ରସ୍ତୁତ କରିବାକୁ ପଡିବ ବୋଲି ଖବରଦାତା ସମ୍ମିଳନୀରେ ଯୋଗଦେଇ ମିଳିତ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା କହିଥିଲେ। ସମ୍ମିଳନୀରେ ମିଳିତ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ତଥା ଭଞ୍ଜନଗର ବାର ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ, ସମ୍ପାଦକ ଅଶୋକ ଜେନା, ରବି ଦାସ, ଖରାଶୁଂ ଶେଖର ଦାସ, ଦେବୀ ବିଷୋୟୀ, ଡ.ସୁଶାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓୟୁଏଚ୍ଏମ୍ ନିର୍ଦ୍ଦେଶକଙ୍କ ଭଞ୍ଜନଗର ପରିଦର୍ଶନ



ଜଣେ ହିତାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ଭଞ୍ଜନଗର,୨୦।୨(ଡି.ଏନ.ଏ)**

ଓଡ଼ିଶା ଅର୍ବାନ ହାଉସିଂ ମିଶନ (ଓୟୁଏଚ୍ଏମ୍)ର ନିର୍ଦ୍ଦେଶକ ଇଂ. ସୁରେଶ ଚନ୍ଦ୍ର ଦଳେଇ ରବିବାର ଭଞ୍ଜନଗର ଏନ୍ଏସି ପରିଦର୍ଶନରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଗ୍ରଗତି ନେଇ ସମୀକ୍ଷା ସହ ହିତାଧିକାରୀଙ୍କୁ ବିଲ୍ ଅନୁମୋଦନ ସମୟରେ କୌଣସି କର୍ମଚାରୀ ଲାଞ୍ଚ ମାଗୁଛନ୍ତି କି ପଚାରିଥିଲେ। କାର୍ଯ୍ୟନେଇ ସନ୍ତୋଷ ବ୍ୟକ୍ତ ସହ ସମସ୍ତ ଯୋଗ୍ୟ ହିତାଧିକାରୀ କିଭଳି ଯୋଜନାରେ ସାମିଲ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏନ୍ଏସି ନିର୍ବାହୀ ଅଧିକାରୀ ଭଜରାମ ବିଶ୍ୱାଳ, ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ ପ୍ରମୁଖ ଗସ୍ତବେଳେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟଯେ ୫-ଟିର ପ୍ରଭାବ ବିଭିନ୍ନ ବିଭାଗରେ ପଡ଼ିଛି। ତେଣୁ ବରିଷ୍ଠ ଅଧିକାରୀମାନେ ବାରମ୍ବାର ବିଭିନ୍ନ ଜିଲା ଗସ୍ତ କରି ଉନ୍ନୟନ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

# ରାସ୍ତା ମରାମତି, ଟ୍ରାଫିକ ନିୟମ ସଚେତନତାକୁ ଗୁରୁତ୍ୱ




ବୈଠକରେ ଉପଜିଲାପାଳ, ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ ।

**ଉପଖଣ୍ଡସ୍ତରୀୟ ସଡ଼କ ସୁରକ୍ଷା ବୈଠକ**

**ବ୍ରହ୍ମପୁର ଅଫିସ,୨୦।୨**

ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ସଡକ ସୁରକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବ୍ରହ୍ମପୁର ସହର ସମେତ ଉପଖଣ୍ଡର ସମସ୍ତ ତହସିଲ ଅଧୀନ ଅଞ୍ଚଳରେ ରାସ୍ତାଘାଟ ମରାମତି ସହ ସଡକ ସୁରକ୍ଷା ଦିଗରେ ଅଧିକ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗାଡିଚାଳକଙ୍କୁ ହେଲମେଟ ବ୍ୟବହାର, ସିଟ ବେଲ୍ଟ ବ୍ୟବହାର, ନିଶାମୁକ୍ତ ଗାଡି ଚାଳନା ଉପରେ ସଚେତନତା ସୃଷ୍ଟି କରିବାକୁ କୁହାଯାଇଥିଲା । ଦ୍ରୁତ ଗାଡି ଚଳାଇବା, ଦୁଇ ଚକିଆ ଯାନରେ ୩ଜଣ ଯାତ୍ରା କରିବା, ଧାର୍ଯ୍ୟ ସୀମାଠାରୁ ଅଧିକ ଯାତ୍ରୀ କିମ୍ବା ମାଲ ପରିବହନ ଗାଡି ଚଳାଇବା, ମୋବାଇଲ ଫୋନରେ କଥା ହୋଇ ଗାଡିଚାଳନା କରିବା ଉପରେ ରୋକ ଲଗାଯିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଥିଲା । ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଗାଡିର ସମସ୍ତ କାଗଜପତ୍ର ସମେତ ଡ୍ରାଇଭିଂ ଲାଇସେନ୍ସ ପାଖରେ ରଖି ଗାଡି ଚଳାଇବା ଓ ସ୍କୁଲ କଲେଜରେ ସଡକ ସୁରକ୍ଷା, ଟ୍ରାଫିକ ନିୟମାବଳୀ ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଉପଜିଲାପାଳଙ୍କ ସମେତ ଅତିରିକ୍ତ ପରିବହନ ଅଧିକାରୀ କେ. ଭେଙ୍କଟେଶ୍ୱର, ବ୍ରହ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ବିଷ୍ଣୁ ପ୍ରସାଦ ପତି, ସହକାରୀ ଜିଲାପାଳ ବିନୋଦ କୁମାର ବେହେରା, ପ୍ରଦୀପ କୁମାର ମହାରଣାଙ୍କ ସମେତ ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ, ମହାବିଦ୍ୟାଳୟର ଅଧାପିକା ଅଧାପକ ଓ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ରେଞ୍ଜରଙ୍କ ଶ୍ରାଦ୍ଧରେ ପରିବେଶ ଚିନ୍ତା

**ଭଞ୍ଜନଗର,୨୦।୨(ଡି.ଏନ.ଏ)**

ଭଞ୍ଜନଗର ବ୍ଲକ ଭାଲିଆଖାଇର ଅବସରପ୍ରାପ୍ତ ରେଞ୍ଜର ଗୋପାଳ କୃଷ୍ଣ ପ୍ରଧାନଙ୍କ ଗୁରୁବାର ଶ୍ରାଦ୍ଧ ଦିବସରେ ପରିବାର ଲୋକେ ଏକ ଭିନ୍ନ ଆୟୋଜନ କରିଥିଲେ। ଶ୍ରାଦ୍ଧ ଦିବସକୁ ଆସିଥିବା ଶତାଧିକ ଲୋକଙ୍କୁ ଗୋଟିଏ ଗୋଟିଏ ଚାରା ପ୍ରଦାନ କରାଯାଇଥିଲା। ପରିବେଶ ଯେଉଁଭଳି ଭାବେ ପ୍ରଦୂଷିତ ହେଉଛି ତାହା ଚିନ୍ତାଜନକ। ତେଣୁ ଏହିଭଳି ଏକ କାର୍ଯ୍ୟକ୍ରମରେ ଲୋକଙ୍କୁ ବିଭିନ୍ନ ଚାରା ବଣ୍ଟନ କରାଯିବା ସହ ପରିବେଶର ମହତ୍ତ୍ୱ ସମ୍ପର୍କରେ ବୁଝାଯାଇଥିଲା। ସରକାରୀ ଓକିଲ ରାଜେନ୍ଦ୍ର ପ୍ରଧାନ, ଶୁଭେଗା ପ୍ରଧାନ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଯୁବ କଂଗ୍ରେସ ସଭାପତିଙ୍କୁ ନୂତନ ଦାୟିତ୍ୱ



**ଫୁଲବାଣୀ ଅଫିସ, ୨୦।୨**

କନ୍ଧମାଳ ଜିଲା ଯୁବ କଂଗ୍ରେସ ସଭାପତି ନନ୍ଦ କିଶୋର ଦାସଙ୍କୁ ନୂତନ ଦାୟିତ୍ୱ ମିଳିଛି । ଅଲ ଇଣ୍ଡିଆ ୟୁଥ କଂଗ୍ରେସ ପକ୍ଷରୁ 'ୟଙ୍ଗ ଇଣ୍ଡିଆ କି ବୋଲ' କାର୍ଯ୍ୟକ୍ରମ ପାଇଁ ଓଡିଶା କମିଟିରେ ତାଙ୍କୁ ବୌଦ୍ଧ ଏବଂ ସୋନପୁର ଜିଲା ପାଇଁ ସଂଯୋଜକ ଭାବେ ଚୟନ କରାଯାଇଛି । ଦେଶ ଏବଂ ରାଜ୍ୟରେ ବେରୋଜଗାରୀ ବଢ଼ିଚାଲିଛି । ଏଭଳି ସମୟରେ କେନ୍ଦ୍ର ସରକାର ରୋଜଗାର ପନ୍ଥା ବାହାର କରିବା ପରିବର୍ତ୍ତେ ସିଏଏ, ଏନ୍ଆରସି ଭଳି କାର୍ଯ୍ୟକ୍ରମ କରି ଦେଶରେ ଖରାପ ବାତାବରଣ ସୃଷ୍ଟି କରିଛନ୍ତି। ଏନେଇ ସମସ୍ତଙ୍କୁ ସଚେତନ କରିବା ପାଇଁ ଅଲ ଇଣ୍ଡିଆ ୟୁଥ କଂଗ୍ରେସ ପକ୍ଷରୁ ଏହି ନୂତନ ଅଭିଯାନ ଆରମ୍ଭ ହୋଇଛି । ଦୁଇଟି ଜିଲା ପାଇଁ ଦିଆଯାଇଥିବା ନୂତନ ଦାୟିତ୍ୱକୁ ଭଲ ଭାବେ ନିର୍ବାହ କରିବେ ବୋଲି ନନ୍ଦ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ୬ କେନ୍ଦ୍ରରେ ୧୪୬୯ ପରୀକ୍ଷାର୍ଥୀ

**ଆର.ଉଦୟଗିରି, ୨୦।୨(ଡି.ଏନ.ଏ.)**

ଆର.ଉଦୟଗିରି ଏବଂ ନୂଆଗଡ଼ ବ୍ଲକର ୬ କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ମୋଟ ୧୪୬୯ ବିଦ୍ୟାର୍ଥୀ ପରୀକ୍ଷା ଦେଇଛନ୍ତି। ଆର୍.ଉଦୟଗିରି ବିଡିଓ ପ୍ରଦୀପ କୁମାର ନାୟକ ବୁଧବାର ସକାଳ ସାଢେ ୬ଟାରେ ପହଞ୍ଚି ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ନୂଆଗଡ଼ ତହସିଲଦାର ପ୍ରଫୁଲ୍ଲ କୁମାର କୁଜୁର ରାଇଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟରରେ ପହଞ୍ଚି ପ୍ରଶ୍ନପତ୍ର ପକେଟଗୁଡ଼ିକୁ ୬ଟି କେନ୍ଦ୍ରକୁ ପଠାଇବା ବ୍ୟବସ୍ଥା କରିଥିଲେ। ଭାଇରାଲ୍ ରୋକିବାକୁ କେତେକ କେନ୍ଦ୍ରରେ ସିସି ଟିଭି କ୍ୟାମେରା ଲାଗିଥିବାବେଳେ, ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର କଡା ସୁରକ୍ଷାରେ ରଖାଯାଇଥିବାବେଳେ ୨୪ ଘଣ୍ଟା ପୋଲିସ ପହରା ଦେଉଛି। ନୋଡାଲ ସେଣ୍ଟରର ସୁପରିଟେଣ୍ଡ ତଥା ପ୍ରଧାନ ଶିକ୍ଷକ ସରୋଜ କୁମାର ସିଂ ବିଭିନ୍ନ ଦିଗ ପ୍ରତି କଡ଼ା ନଜର ରଖିଥିବା ଜଣାପଡ଼ିଛି। ମାତ୍ର ନୂଆଗଡ଼ ବ୍ଲକର ୩ଟି ଯାକ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇ ନ ଥିବା ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି।

**ରେଳ ବିକାଶ ନିଗମ ଲିମିଟେଡ଼**
(ଭାରତ ସରକାରଙ୍କ ଏକ ପ୍ରାବନ୍ଧୀକ ସଂସ୍ଥା)
ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨, ରେଳ ବିକାଶ ନିଗମ କାର୍ଯ୍ୟାଳୟ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: RVNL/BBS/HDS-PRDP/CPM-II/11443 ତାରିଖ: 20.02.2020

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ହରିଦାସପୁର ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ପ୍ରସ୍ତାବିତ ନିର୍ମାଣାଧୀନ ରେଳ ପ୍ରକଳ୍ପ ନିମନ୍ତେ, **କେନ୍ଦ୍ରାପଡ଼ା ଜିଲ୍ଲା, ମାର୍ଶାଘାଇ ତହସିଲର ଦୁମୁକା ଗ୍ରାମର ଶ୍ରୀ ଅରୁଣ କୁମାର ଦାସଙ୍କ, ଖାତା ନଂ.386 (ଜମାବନ୍ଦୀ), ପ୍ଲଟ ନଂ.1137, ଏକର 0.050** ଘରବାରି, **ଦୁମୁକା ଗ୍ରାମର ଶ୍ରୀ ରବିନ୍ଦ୍ର ନାଥ ଦାସଙ୍କ, ଖାତା ନଂ.88, ପ୍ଲଟ ନଂ.1138, ଏକର 0.020** ଘରବାରି, **ଦୁମୁକା ଗ୍ରାମର ଶ୍ରୀ ଅଶୋକ କୁମାର ନାୟକଙ୍କ, ଖାତା ନଂ.169, ପ୍ଲଟ ନଂ.1149, ଏକର 0.040** ଘରବାରି ଏବଂ **ଦୁମୁକା ଗ୍ରାମର ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ, ଖାତା ନଂ.2286, ପ୍ଲଟ ନଂ.1133, ଏକର 0.090** ଘରବାରି ନିମ୍ନ ଅଧିକାରୀଙ୍କ ଦ୍ୱାରା ସିଧାସଳଖ ଭାବେ କ୍ରୟ କରାଯିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରି ଏହି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ବ୍ୟକ୍ତି ବିଶେଷ ଉକ୍ତ ଜମିର ମାଲିକ ଭାବରେ ନିଜକୁ ଦାବି କରୁଛନ୍ତି, ଏଣୁ ଉପରୋକ୍ତ ପ୍ରଦତ୍ତ କୌଣସି ଜମିର ଖାତାରୟତ ଏବଂ ତଦ୍‌ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

**୧. ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨ଙ୍କ କାର୍ଯ୍ୟାଳୟ,**
**ରେଳ ବିକାଶ ନିଗମ ଲିମିଟେଡ଼, ରେଳ ବିହାର,ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୩**
**୨. ପରିଚାଳନା ନିର୍ଦ୍ଦେଶକ, ହରିଦାସପୁର-ପାରଦ୍ୱୀପ ରେଳପଥ କମ୍ପାନୀ କାର୍ଯ୍ୟାଳୟ,**
**ପଲ୍‌ହାଇଟ୍, ଜୟଦେବ ବିହାର, ଭୁବନେଶ୍ୱର-୨୩**
**୩. ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ହରିଦାସପୁର-ପାରାଦ୍ୱୀପ ନୂତନ ଓସାରିଆ**
**ରେଳପଥ ପ୍ରକଳ୍ପ, କେନ୍ଦ୍ରାପଡ଼ା**

ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨, ଭୁବନେଶ୍ୱର
ଫୋନ୍: (0674)2300506,2300483, 2300643,
ଫାକ୍ସ : (0674) 2303798

# ଜିଲାପାଳଙ୍କ ରାତିଅଧିଆ ଗଞ୍ଜାମ ଏନ୍ଏସି ପରିଦର୍ଶନ

**ପଲିଥିନ ଧରପଗଡ଼, ପରିମଳ ଅନୁଧାନ**



ରାତିରେ ହେଉଥିବା ସଫେଇ କାମ ବୁଲି ଦେଖୁଛନ୍ତି ଜିଲାପାଳ।

**ଗଞ୍ଜାମ,୨୦।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗ ବୁଧବାର ରାତି ପ୍ରାୟ ସାଢେ ୧୦ଟାରେ ଅଚାନକ ଗଞ୍ଜାମ ଏନ୍ଏସି ପରିଦର୍ଶନ କରି ପଲିଥିନ ଚଢ଼ାଉ କରିଥିଲେ। ବଡ଼ବଜାର ସ୍ଥିତ ସୋଡ଼ା ଫଏଣ୍ଟଠାରୁ ପଲିଥିନ ବାହାର କରିଥିଲେ। ପଲିଥିନ ବ୍ୟବହାର ନ କରିବାକୁ ତାଗିଦ କରିଥିଲେ। ପରେ ୱାର୍ଡ ନମ୍ବର ୩କୁ ଯାଇ ପରିମଳ ଅନୁଧାନ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ବର୍ତ୍ତମାନ ଗଞ୍ଜାମ ଏନ୍ଏସି ପକ୍ଷରୁ ସଫେଇ କରାଯାଉଛି କି ନାହିଁ ପଚାରି ବୁଝିଥିଲେ। ବଡ଼ ବଜାରରେ ରାତିରେ ସଫେଇ କରାଯାଉଥିବା ଦେଖି ଜିଲାପାଳ ଖୁସି ବ୍ୟକ୍ତ କରିଥିଲେ। ସାନିଟେସନ କାମ ଠିକା ନେଇଥିବା ଠିକାଦାରଙ୍କ କାର୍ଯ୍ୟଶୈଳୀ ଓ ଏନ୍ଏସି ପ୍ରଶାସନର ପଦକ୍ଷେପକୁ ଜିଲାପାଳ ଭୂୟସୀ ପ୍ରଶଂସା କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭୁ କଲ୍ୟାଣ ଦାସ, ପୂର୍ବତନ କାଉନ୍ସିଲର ଦଣ୍ଡପାଣି ପରିଡା, ଗଞ୍ଜାମ ତହସିଲଦାର ଅବନୀ କୁମାର ସାହୁ, ବଡ ବଜାର ବଣିକ ସଂଘ କର୍ମକର୍ତ୍ତା ଓ ଏନ୍ଏସି କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ରାତିରେ ଆସିବା ବେଳେ ପ୍ରାୟ ଦୋକାନ, ବ୍ୟବସାୟ ପ୍ରତିଷ୍ଠାନଗୁଡିକ ବନ୍ଦ ହୋଇଯାଇଥିଲା। ନିଜ ଦୋକାନଠାରୁ ପାଞ୍ଚ ମିଟର ପର୍ଯ୍ୟନ୍ତ ନିଜେ ସଫା କରିବାକୁ ଜିଲାପାଳ ଦୋକାନୀ ମାଲିକଙ୍କୁ ପରାମର୍ଶ ଦେଇଥିବା ଜଣାପଡିଛି। ପଲିଥିନ ବ୍ୟବହାର ଅଭିଯୋଗରେ କିଛି ଦୋକାନ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା।

# ବ୍ଲକର ସମସ୍ତ ଉଚ୍ଚବିଦ୍ୟାଳୟକୁ ଆଦର୍ଶ ଭାବେ ଗଢ଼ାଯିବ

**ଶେରଗଡରେ ଜନପ୍ରତିନିଧି, ବୁଦ୍ଧିଜୀବୀଙ୍କୁ ନେଇ ୫-ଟି ସଚିବଙ୍କ ବୈଠକ**

**ଶେରଗଡ,୨୦।୨(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠରେ ଗୁରୁବାର ଅପରାହ୍ନରେ ୫-ଟି ସଚିବ ଭି. କାର୍ତ୍ତିକେୟନ୍ ପାଣ୍ଡିଆନ୍ ଶେରଗଡ ବ୍ଲକର ସମସ୍ତ ଜନପ୍ରତିନିଧି ଓ ବୁଦ୍ଧିଜୀବୀମାନଙ୍କୁ ଡକାଇ ଏକ ବୈଠକ କରିଥିଲେ। ବ୍ଲକରେ ଥିବା ୨୫ ଉଚ୍ଚ ବିଦ୍ୟାଳୟ ଯେପରି ଜାତୀୟସ୍ତରର ଆଦର୍ଶ ବିଦ୍ୟାଳୟରେ ପରିଣତ ହେବ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ। ଏନେଇ ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ ବୋଲି ସଚିବ ସୂଚନା ଦେଇଥିଲେ।

ପଞ୍ଚାୟତିରାଜ ବିଭାଗ ୫-ଟିକୁ ଯିବାପରେ ଏହାଥିଲା ସଚିବଙ୍କ ଭୁବେନେଶ୍ୱରରେ ପ୍ରଥମ ବୈଠକ। ସେ କହିଥିଲେ ଯେ, ପଞ୍ଚାୟତର ଆୟ ବଢାଅ, ସରକାରଙ୍କ ପକ୍ଷରୁ ଯାଉଥିବା ଅନୁଦାନକୁ ଉଚ୍ଚ ବିଦ୍ୟାଳୟର ବିକାଶରେ ଲଗାଅ। ବିଦ୍ୟାଳୟକୁ ରାସ୍ତା, ଖେଳପଡିଆ ନିର୍ମାଣ ସହ, ଉନ୍ନତଧରରଣ ପାଠାଗାର ଓ ବିଜ୍ଞାନଗାର ତିଆରି କର। ଗୁଣାତ୍ମକ ଶିକ୍ଷାର ବିକାଶ ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗୀତା ମନୋଭାବ ତିଆରି କର ବୋଲି ସଚିବ କହିଥିଲେ। ବିଦ୍ୟାଳୟରେ ଡିଜିଟାଲ ପାଠ୍ୟକ୍ରମ ସହ ସିସିଟିଭି ଲଗାଯିବ। ମେଧାବୀ ଛାତ୍ରୀଛାତ୍ର ସୃଷ୍ଟି କରବାକୁ ପରିବେଶ ସୃଷ୍ଟି କରାଯିବ ଏଦିଗରେ ସରପଞ୍ଚ, ସମିତିସଭ୍ୟ ଓ ରାଜନେତାମାନେ ଗୁରୁତ୍ୱ ଦେବାକୁ କହିଥିଲେ। ଶେଷରେ ତାକରଡାର ପୂର୍ବତନ ସମିତିସଭ୍ୟ ଅଶୋକ କୁମାର ଦାଶ ଓ ସମାଜସେବୀ ଦୁର୍ଗା ମାଧବ ବିଷୋୟୀ ଶେରଗଡରେ ଏକ ଉଚ୍ଚସ୍ତରୀୟ ପାର୍କ ନିର୍ମାଣ ପାଇଁ କହିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଦିଲୀପ କୁମାର ମହାନ୍ତି, ଯୁଗ୍ମ ସଚିବ ରୁପା ରୋଷନ ସାହୁ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଶେରଗଡ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ରଙ୍କ ସହ ବହୁ ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇଥିଲେ।

No. 21-TT:-

**ବିଶ୍ୱ ମାତୃଭାଷା ଦିବସ**

**ଫେବୃଆରୀ ୨୧ ତାରିଖ**

"ମାତୃଭୂମି ମାତୃଭାଷା ଉଭୟେ ଜନନୀ
ସେବି ତାଙ୍କୁ ଭକ୍ତିଭରେ ଦିବସ ରଜନୀ"
-ଭକ୍ତକବି ମଧୁସୂଦନ ରାଓ

ମାଆ, ମାତୃଭୂମି ଓ ମାତୃଭାଷା ସ୍ୱର୍ଗଠାରୁ ଗରିୟସୀ।
ଆମ ମାତୃଭାଷା ଓଡ଼ିଆ ଅସାଧାରଣ ଓ ଅନନ୍ୟ।
ସବୁ କ୍ଷେତ୍ରରେ ଗର୍ବର ସହ ଆମ ମାତୃଭାଷା ବ୍ୟବହାର କରିବା।

**ଆମ ମାତୃଭାଷା ଓଡ଼ିଆ ପାଇଁ ଆମେ ଗର୍ବିତ**

**ଓଡ଼ିଆ ଭାଷା ପ୍ରତିଷ୍ଠାନ**
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪,
ଇମେଲ୍ : odiabhasa@nic.in
OIPR-27009/11/0002/1920

**ସଂକ୍ଷେପରେ**

## ୧୫ ଭରି ସୁନା ଗହଣା ଲୁଟିନେଲେ ଦୁର୍ବୃତ୍ତ

**ବ୍ରହ୍ମପୁର ଅଫିସ,୨୦।୨:** ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ଏବେ ଚୋରି ଦିନକୁ ଦିନ ବଢ଼ିବାରେ ଲାଗିଛି। କାଳୀଚରଣ ସାହୁ ସପରିବାର ପୁରୀରୁ ଜଗନ୍ନାଥ ଦର୍ଶନ ସାରି ବୁଧବାର ରାତିରେ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ଦୁର୍ବୃତ୍ତମାନେ ତାଙ୍କ ତାଲା ବନ୍ଦ ଘରେ କଳାକନା ବୁଲାଇ ଦେଇଛନ୍ତି। ତଳ ମହଲା ଓ ଉପର ମହଲା ବିଶିଷ୍ଟ ଘର ଭିତରେ ଥିବା ୨ଟି ଆଲମିରାରୁ ଚୋର ଦଳ ପ୍ରାୟ ୧୫ ଭରି ଓଜନର ସୁନା ଗହଣା ଓ ଟଙ୍କା ଚୋରି କରି ନେଇ ଯାଇଛନ୍ତି। ଏନେଇ ସଦର ଥାନାରେ ସେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୪୬/୨୦ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗୁରୁବାର ସକାଳେ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ଚୋର ଗ୍ୟାଙ୍ଗ ଠାବ ପାଇଁ ଯାଞ୍ଚ କରୁଛି ବୋଲି ତଦନ୍ତକାରୀ ଅଧିକାରୀ ସନ୍ତୋସିନୀ ଓରାମ ସୂଚନା ଦେଇଛନ୍ତି। ସେହି ଅଞ୍ଚଳରେ ଲାଗିଥିବା ସିସି ଟିଭି ଫୁଟେଜ ମଧ ସଂଗ୍ରହ କରାଯାଇଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ଉକ୍ତ ଥାନା ଅନ୍ତର୍ଗତ ନିମଖଣ୍ଡି ଗଣେଶ ନଗରରେ ରହୁଥିବା ଔଷଧ ବ୍ୟବସାୟୀ ଏଲ.ଭେଙ୍କେଟେଶଙ୍କ ଘରୁ ଚୋରି ହୋଇଥିଲା। ଗୃହକର୍ତ୍ତାଙ୍କ ଅନୁପସ୍ଥିତିରେ ଗ୍ରୀଲ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ତାଙ୍କ ବେଡ୍ ରୁମ ଆଲମିରାରେ ଥିବା ସୁନା ଗହଣା, ରୁପା ସାମଗ୍ରୀ ଓ ନଗଦ ୧୨ ହଜାର ଟଙ୍କା ଚୋରି କରି ନେଇଯାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୨/୨୦ରେ ଏକ ମାମଲା ରୁଜୁ କରିଥିଲା। ଉକ୍ତ ଚୋରି ଘଟଣାରେ ମଧ ପୋଲିସକୁ ଏବେ ସୁଦ୍ଧା କୌଣସି ସୁରାକ ମିଳି ପାରିନାହିଁ।

## ଏନ୍‌ଜିଓ ହଲ୍‌ରେ ପାଳିତ ହେଲା ବସନ୍ତ ଉତ୍ସବ

**ବ୍ରହ୍ମପୁର ଅଫିସ, ୨୦।୨:** ଗେଟ୍ ବଜାର ଏନ୍‌ଜିଓ ହଲରେ ମ୍ୟୁଜିକ ସର୍କଲ ପକ୍ଷରୁ ବସନ୍ତ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ଚିତ୍ତରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ । ଅତିଥି ଭାବେ ରାଜ୍ୟ ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ କେଦାର ଆପଟ, ମଞ୍ଚ ନାଟକ ନିର୍ଦ୍ଦେଶକ ରାଜୁ ପାଢ଼ୀ, ଭାରତଲୀଳା ଗୁରୁ ସନ୍ତୋଷ ପାଢ଼ୀ, ଓଡ଼ିଶା ରାଜ୍ୟ ନାଟକ ସମାରୋହ ସମିତି ସଭାପତି ଅନିଲ ପାତ୍ର, ନାଟ୍ୟ ନିର୍ଦ୍ଦେଶକ ଡ଼. ତିରୁପତି ସାହୁ ଉପସ୍ଥିତ ଥିଲେ । ଦକ୍ଷିଣ ଓଡ଼ିଶାର ମଞ୍ଚ ନାଟ୍ୟ ଅଭିନେତ୍ରୀ ଆରତୀ ପାତ୍ର, ମଞ୍ଚ ନାଟ୍ୟକାର ରମେଶ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନୁପୂର ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଚିତ୍ରାନନ୍ଦ ବେବର୍ତ୍ତା ସମ୍ୟକ ସୂଚନା ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ସବ୍ୟ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପଦେଷ୍ଟା କିରଣ ବାଳା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଆର୍‌ଡିସି ଅଫିସ ଆଗରେ ଏବିଭିପିର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୨୦।୨

ଶିକ୍ଷା, ସୁରକ୍ଷା, ରୋଜଗାର ସମସ୍ତଙ୍କ ଅଧିକାର। କିନ୍ତୁ ଏହି ଅଧିକାର ରକ୍ଷା କରିବାରେ ସରକାର ବିଫଳ ହୋଇଛନ୍ତି। ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ମାନ ବୃଦ୍ଧି କରିବାକୁ ସରକାର ଯୋଜନା ପରେ ଯୋଜନା କରୁଥିବା ନେଇ ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ବାସ୍ତବରେ ସରକାରଙ୍କ ପରିବର୍ତ୍ତିତ ଶିକ୍ଷାବ୍ୟବସ୍ଥା, ଯୋଜନା ବିଦ୍ୟାର୍ଥୀଙ୍କ ଭବିଷ୍ୟତକୁ ଅନ୍ଧକାର ଆଡକୁ ଠେଲି ଦେଉଥିବା ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ଅଭିଯୋଗ କରାଯାଇଛି । ରାଜ୍ୟ ତଥା ଦେଶରେ ନାରୀ ସୁରକ୍ଷା, ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା, ଶିକ୍ଷିତ ବେକାରିଙ୍କ ସଂଖ୍ୟା ବୃଦ୍ଧି ସମସ୍ୟାର ସମାଧାନ ପାଇଁ ତୁରନ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଆଦି ଦାବି ନେଇ ଗୁରୁବାର ଗଞ୍ଜାମ ଜିଲା ଏବିଭିପି ପକ୍ଷରୁ ଏକ ବିଶାଳ ବିକ୍ଷୋଭ ସମାବେଶ ଆୟୋଜିତ ହୋଇଥିଲା । କର୍ମକର୍ତ୍ତାମାନେ ଖଲ୍ଲିକୋଟ କଲେଜ ସମ୍ମୁଖରୁ ଶୋଭାଯାତ୍ରାରେ ବାହାରି ଆରଡିସିଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏନେଇ ଏବିଭିପି ପକ୍ଷରୁ ଦକ୍ଷିଣାଞ୍ଚଳ ଆରଡିସି ଟି. ଆଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।



ଆରଡିସିଙ୍କ କାର୍ଯ୍ୟାଳୟ ଆଗରେ ଏବିଭିପି ପକ୍ଷରୁ ବିକ୍ଷୋଭ କରାଯାଉଛି ।

ଗଞ୍ଜାମ ଏକ ଐତିହାସିକ ଜିଲା ହୋଇଥିବା ସତ୍ତ୍ୱେ ସରକାର ଏଥିପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ବିକ୍ଷୋଭ ସମାବେଶରେ ଅଭିଯୋଗ କରାଯାଇଥିଲା। ଜିଲାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟାପକ, ପ୍ରଫେସର ପଦବୀ ଦୀର୍ଘ ବର୍ଷଧରି ଖାଲି ପଡିଛି । ଏହାବ୍ୟତୀତ ବିନା ଭିତ୍ତିଭୂମିରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସୃଷ୍ଟି କରି ତାହାକୁ ପୁଣି ନିକଟ ଅତୀତରେ ରିସର୍ଚ୍ଚ ୟୁନିଟ ଭାବେ ଘୋଷଣା କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ବିଦ୍ୟାର୍ଥୀ ପରିଷଦ କ୍ଷୋଭ ପ୍ରକାଶ କରିଥିଲା।

**ଗୁଣାତ୍ମକ ଶିକ୍ଷା, ନାରୀ ସୁରକ୍ଷା, ନିଯୁକ୍ତି ସୁଯୋଗ ଦାବି**

■ **ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ**

ଏହାବ୍ୟତୀତ ଜିଲାରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନାକୁ ରୋକିବା ଓ ନାରୀଙ୍କ ସୁରକ୍ଷା ଉପରେ ସରକାର ଅଧିକ ଗୁରୁତ୍ୱ ଦେବା ସହ ଜିଲାରେ ଲୁପ୍ତପ୍ରାୟ କୁଟୀର ଶିଳ୍ପର ପୁନରୁଦ୍ଧାର କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପରିଷଦ ଦାବି କରିଥିଲା। ଜିଲାରେ ଶିକ୍ଷାର ଅବ୍ୟବସ୍ଥା, ନାରୀଙ୍କ ସୁରକ୍ଷା ଓ ରୋଜଗାର ପାଇଁ ସୁଯୋଗ ସୃଷ୍ଟି ଦିଗରେ ସରକାର ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ବିଦ୍ୟାର୍ଥୀ ପରିଷଦ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି । ବିକ୍ଷୋଭ ସଭାବେଶରେ ଏବିଭିପି ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ରଙ୍କ ସମେତ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ସ୍ମୃତିସୁଧା ସାହୁ, ସଂଯୋଜକ ଟୁଟୁନ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହିମାଂଶୁ ଶେଖର ତ୍ରିପାଠୀ, ଚିନ୍ମୟାନନ୍ଦ ପଟ୍ଟନାୟକ, ସମ୍ପାଦିକା ବିଭୁପ୍ରିୟା ବିଷୋୟୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ବିଭିନ୍ନ ମହାବିଦ୍ୟାଳୟ ଛାତ୍ରୀଛାତ୍ର ସାମିଲ ହୋଇଥିଲେ ।


ଜଣେ ମହିଳା ଶିବରାତ୍ରିରେ ଅରଖ ଫୁଲ ବିକ୍ରି ପାଇଁ ତୋଳୁଛନ୍ତି । (ଫଟୋ–ସମୀର)

## ଆକ୍ରମଣ ମାମଲା ୩ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ବ୍ରହ୍ମପୁର ଅଫିସ,୨୦।୨

ଏକ ଆକ୍ରମଣ ମାମଲାର ବିଚାର ଗୁରୁବାର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୁଭଶ୍ରୀ ମଲ୍ଲ କରିଥିଲେ। ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ସେ ଦୋଷୀ ସାବ୍ୟସ୍ତ କରିଥିଲେ। ସେମାନେ ହେଲେ ସନ୍ତୋଷ ପଲାଇ, ମଦନ ବିଶ୍ୱାଳ ଓ ବାଲେଶ୍ୱର ବିଶ୍ୱାଳ। ଅଭିଯୁକ୍ତମାନେ ପ୍ରଥମ ଥର ପାଇଁ ଏହି ଦୋଷ କରିଥିବାରୁ ଜେଏମ୍‌ଏଫସି ତାଙ୍କୁ ତାଗିଦ୍ କରି ଛାଡି ଦେଇଥିବା ଜଣାପଡିଛି।

ଘଟଣାରୁ ପ୍ରକାଶ, ୧୯୯୯ ଡିସେମ୍ବର ୨୬ରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଜଣେ ମହିଳା ଏକ ନଳକୂଅରୁ ପାଣି ନେଉଥିବା ବେଳେ ଉପରୋକ୍ତ ଅଭିଯୁକ୍ତମାନେ ତାଙ୍କୁ ଟଣାଓଟରା କରିଥିଲେ। ଏପରିକି ନିକଟରେ ଥିବା ତାଙ୍କ ୨ ଝିଅଙ୍କୁ ମଧ ଅସଦାଚରଣ କରିବା ସହ ଆକ୍ରମଣ କରିଥିଲେ। ଏନେଇ ବୈଦ୍ୟନାଥପୁର ଥାନାରେ ସେମାନେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସେମାନେ ଜାମିନରେ ଛାଡ ପାଇଥିଲେ। ସରକାରଙ୍କ ପକ୍ଷରୁ ଏପିପି ସୁଦର୍ଶନ ମହାଙ୍କୁଡ଼ ମକଦ୍ଦମା ପରିଚାଳନା କରିଥିଲେ।

## ନାବାଳିକାଙ୍କ ସମେତ ୨୦ ଶିଶୁ ଶ୍ରମିକ ଉଦ୍ଧାର

ବ୍ରହ୍ମପୁର ଅଫିସ,୨୦।୨

ବ୍ରହ୍ମପୁର ପୋଲିସ ଜିଲାରେ ବଚପନ ବଚାଓ ଆନ୍ଦୋଳନ ଆରମ୍ଭ ହୋଇଛି। ଏଥିରେ ଜିଲା ଶ୍ରମ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ମଙ୍ଗଳ କମିଟି ସଦସ୍ୟ, ଥାନାରେ ଥିବା ଜୁଭେନାଇଲ ପୋଲିସ ଅଧିକାରୀ ଓ ଚାଇଲ୍ଡ ଲାଇନ କର୍ମକର୍ତ୍ତାଙ୍କୁ ନେଇ ଗଠିତ ୫ ଜଣିଆ ସ୍କ୍ୱାଡ୍ ଗଠିତ ହୋଇଛି। ଏହି ସ୍ୱତନ୍ତ୍ର ଡ୍ରାଇଭ ମଙ୍ଗଳବାରରୁ ବ୍ରହ୍ମପୁର ପୋଲିସ ଜିଲାରେ ଆରମ୍ଭ ହୋଇଛି। ତୃତୀୟ ଦିନରେ ଏହି ସ୍କ୍ୱାଡ୍ ଉଭୟ ଟାଉନ ଥାନା ଓ ବଡବଜାର ଥାନା ଅନ୍ତର୍ଗତ ଗିରିଜା ଛକ, ଗୌତମ ସିନେମା ହଲ ରୋଡ, ଅନ୍ନପୂର୍ଣ୍ଣା ମାର୍କେଟ, ଅମିତ ହସ୍‌ପିଟାଲ ରୋଡ, ଏସ୍‌ଏନ୍‌ଟି ରୋଡ, ଫାଷ୍ଟ ଗେଟ, ଆସ୍କା ରୋଡ, କେଏମ୍‌ଆର ପ୍ଲାଜା, ବଡ ବଜାର, ସାନ ବଜାର ନିକଟରେ ଥିବା ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଓ ଔଷଧ ଦୋକାନରେ ଚଢାଉ କରିଥିଲା। ସେଠାରେ ଅତି ବିପଜ୍ଜନକ ଓ ଅସ୍ୱାସ୍ଥ୍ୟକର ପରିବେଶରେ କାମ କରୁଥିବା ୨୦ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି ବୋଲି ବ୍ରହ୍ମପୁର ଶ୍ରମ ଜିଲା ଅଧିକାରୀ ବାବୁ ଚରଣ ପାତ୍ର ସୂଚନା ଦେଇଛନ୍ତି। ସେମାନଙ୍କ ମଧରେ ଜଣେ ନାବାଳିକା ଥିବା ସେ କହିଛନ୍ତି। ସେମାନଙ୍କୁ ଏବେ କାଉନ୍‌ସେଲିଂ ପାଇଁ ଶିଶୁ ମଙ୍ଗଳ କମିଟି ନିକଟକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ମଙ୍ଗଳବାର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ୭ ଶିଶୁ ଶ୍ରମିକ ଉଦ୍ଧାର ହୋଇଥିବା ବେଳେ ବୁଧବାର ଗୋଷାଣୀନୂଆଗାଁ ଅଞ୍ଚଳରୁ ୬ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ଏହା ଆସନ୍ତା ୨୯ ତାରିଖ ଯାଏ ବ୍ରହ୍ମପୁର ପୋଲିସ ଜିଲାର ୧୦ ଥାନା ଅନ୍ତର୍ଗତ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ଼ ଦୋକାନରେ ଚଢାଉ ଜାରି ରଖିବେ ବୋଲି ସୂଚନା ଦିଆଯାଇଛି।

## କୋର୍ଟରେ ସାକ୍ଷୀଙ୍କ ବୟାନ ରେକର୍ଡ

**ବିଷ୍ଣୁ ଗୌଡ଼ ହତ୍ୟା ମାମଲା**

ବ୍ରହ୍ମପୁର ଅଫିସ,୨୦।୨

ବହୁ ଚର୍ଚ୍ଚିତ ବିଷ୍ଣୁ ଗୌଡ଼ ହତ୍ୟା ମାମଲାର ବିଚାର ପାଇଁ ଅତିରିକ୍ତ ଜିଲା ଦୌରା ଜଜ୍ (ଏଡିଜେ)–୩ କୋର୍ଟ ଗୁରୁବାର ଦିନ ଧାର୍ଯ୍ୟ କରିଥିଲେ। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଡ଼. ହୃଷୀକେଶ ତ୍ରିପାଠୀ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି। ତାଙ୍କର ୨ ସହଯୋଗୀ ବିଧାନ ସେଠୀ ଓ ଗଙ୍ଗା ବେହେରା ଜାମିନରେ ଅଛନ୍ତି। ଗୁରୁବାର ଡ଼.ତ୍ରିପାଠୀ କୋର୍ଟରେ ହାଜର ହୋଇ ନ ଥିବା ବେଳେ ଗଙ୍ଗା ଓ ବିଧାନଙ୍କୁ ଏଡିଜେ–୩ ନିରଞ୍ଜନ ଜେନାଙ୍କ କୋର୍ଟରେ ହାଜର କରାଯାଇଥିଲା। ଡ଼.ତ୍ରିପାଠୀଙ୍କ ନର୍ସିଂହୋମରେ କାମ କରୁଥିବା ଜି.ପ୍ରଣତି ପାତ୍ର କୋର୍ଟରେ ହାଜର ହୋଇ ତାଙ୍କ ବୟାନ ଦେଇଛନ୍ତି। କୋର୍ଟ ପକ୍ଷରୁ ତାଙ୍କ ବୟାନ ରେକର୍ଡ କରାଯାଇଛି।

ଘଟଣାରୁ ପ୍ରକାଶ, ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ବଣିଆ ଗ୍ରାମର ବିଷ୍ଣୁ ଜଣେ ଏଚଡିଏଫସି ବ୍ୟାଙ୍କ ଏଜେଣ୍ଟ ଥିଲେ। ସେ ୨୦୧୮ ଅଗଷ୍ଟ ୧୯ରେ ବ୍ରହ୍ମପୁର ଆସିଥିବା ବେଳେ ଅତି ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିଲେ। ଏନେଇ ତାଙ୍କ ସ୍ତ୍ରୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୦୧୮ ସେପ୍ଟେମ୍ବରରେ ଗୋପାଳପୁର ଥାନା ଅନ୍ତର୍ଗତ ବଡଗୁମୁଳାସ୍ଥିତ ଏକ ପରିତ୍ୟକ୍ତ କୁଣ୍ଡରୁ ବିଷ୍ଣୁଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ପୋତା ହୋଇଥିବା ଅବସ୍ଥାରେ ଉଦ୍ଧାର କରିଥିଲା। ବିଷ୍ଣୁଙ୍କୁ ହତ୍ୟା କରାଯିବା ପରେ ତାଙ୍କର ମୃତଦେହ ଉକ୍ତ ପରିତ୍ୟକ୍ତ ଜାଗାରେ ପୋତିବାରେ ଡ଼ା ତ୍ରିପାଠୀଙ୍କୁ ସହଯୋଗ କରିଥିବା ତାଙ୍କ ଘରର ମାଳି ଗଙ୍ଗା ବେହେରାଙ୍କୁ ଗିରଫ କରିଥିଲା। ସେପ୍ଟେମ୍ବର ୧୬ରେ ପୋଲିସ ଡ଼ା ତ୍ରିପାଠୀଙ୍କୁ ଭୁବନେଶ୍ୱରରୁ ଗିରଫ କରିଥିଲା। ବିଷ୍ଣୁ, ଡ଼ା ତ୍ରିପାଠୀ ଓ ତାଙ୍କ ନର୍ସିଂହୋମରେ କାମ କରୁଥିବା ଜଣେ ନର୍ସଙ୍କ ମଧରେ ଥିବା ତ୍ରି–କୋଣୀୟ ପ୍ରେମରୁ ବିଷ୍ଣୁଙ୍କୁ ହତ୍ୟା କରାଯାଇଥିଲା ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ଏହି ମାମଲାରେ ପୋଲିସ ଡ଼ା. ତ୍ରିପାଠୀ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଡ଼ା ତ୍ରିପାଠୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ ଓ ଅସିତ ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

## ମାଟ୍ରିକ ପରୀକ୍ଷା ପରିଚାଳନାରେ ହୋଇଛି ତ୍ରୁଟି

**ଅଲ ଇଣ୍ଡିଆ ଡିଏସ୍‌ଓର ଅଭିଯୋଗ**

ବ୍ରହ୍ମପୁର ଅଫିସ,୨୦।୨

ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପରିଚାଳନାରେ ତୃଟି ହୋଇଛି । ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ପ୍ରଚଳିତ ନିୟମ ଛାତ୍ରୀଛାତ୍ରଙ୍କୁ ସମସ୍ୟାରେ ପକାଇଥିବା ନେଇ ଅଲ ଇଣ୍ଡିଆ ଡିଏସ୍‌ଓ(ଡେମୋକ୍ରାଟିକ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ) ଅଭିଯୋଗ କରିଛି। ପୂର୍ବରୁ ବିନା ସୂଚନାରେ ପରୀକ୍ଷା ସମୟସୀମାକୁ ଦୁଇଭାଗ କରାଯାଇଛି । ଆଡ଼୍‌ମିଟ୍ କାର୍ଡ ପ୍ରଦାନ ସମୟରେ ଛାତ୍ରୀଛାତ୍ରମାନେ ଏଥିପ୍ରତି ଅଜ୍ଞ ଥିବାରୁ ପ୍ରଥମ ଦିନରେ ଅନୁଷ୍ଠିତ ମାତୃଭାଷା ପରୀକ୍ଷାରେ ବହୁ ମେଧାବୀ ଛାତ୍ରୀଛାତ୍ର ସମସ୍ୟାର ସମ୍ମୁଖୀନ ହୋଇଥିବା ଡିଏସ୍‌ଓ କହିଛି । ଆସନ୍ତା ୨୨ ତାରିଖରୁ ହେବାକୁ ଥିବା ସମସ୍ତ ପରୀକ୍ଷାରେ ପୂର୍ବ ନିତିରେ ପରିବର୍ତ୍ତନ କରି ସଂକ୍ଷିପ୍ତ ଓ ଦୀର୍ଘ ପ୍ରଶ୍ନପତ୍ରକୁ ଏକା ସାଙ୍ଗରେ ପ୍ରଦାନ କରିବା ସହ ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ୨ ଘଣ୍ଟା ୩୦ ମିନିଟ ସମୟ ଦେବାକୁ ସଂଗଠନ ଦାବି କରିଛି । ଏନେଇ ଗୁରୁବାର ବ୍ରହ୍ମପୁରସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ଉପସଚିବଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତିବର୍ଷ ବୋର୍ଡ ପକ୍ଷରୁ ପରୀକ୍ଷା ପରିଚାଳନାରେ ତ୍ରୁଟି ଦେଖାଦେଉଛି । ଫଳରେ ଛାତ୍ରୀଛାତ୍ରମାନେ ପରୀକ୍ଷାରେ ବିଭିନ୍ନ ହଇରାଣ ହେଉଛନ୍ତି। ଆସନ୍ତା ପରୀକ୍ଷାରୁ ଉପରୋକ୍ତ ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଡିଏସ୍‌ଓ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ବେଳେ ଡିଏସ୍‌ଓ ରାଜ୍ୟ ଉପସଭାପତି ସୋମନାଥ ବେହେରା, ଗଞ୍ଜାମ ଜିଲା କମିଟି ସମ୍ପାଦକ ନିମାଇଁ ଚରଣ ସାହୁ, ପପୁନ ସାହୁ, ଶୁଭସ୍ମିତା ପାଣିଗ୍ରାହୀ, କିଶାନ ସାହୁ, ଅଲିଭା ଦାଶ ଓ ବିଭୂତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଦାବିପତ୍ର ପ୍ରଦାନ ଅବସରରେ ବ୍ରହ୍ମପୁର ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ଆଗରେ ଅଲ ଇଣ୍ଡିଆ ଡିଏସ୍‌ଓ କର୍ମକର୍ତ୍ତା ।

## ଉପଜିଲାପାଳଙ୍କ ଅଫିସ ଆଗରେ ଭାଜପାର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୨୦।୨

**ଗୁରୁଦେବ ହସ୍ପିଟାଲକୁ କଳା ତାଲିକାଭୁକ୍ତ ଦାବି**

ବ୍ରହ୍ମପୁର ଭାଜପା ଶିଳ୍ପାଞ୍ଚଳ ମଣ୍ଡଳ ପକ୍ଷରୁ ଗୁରୁବାର ଉପଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରାଯାଇଥିଲା। ସିଟି ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଗୁରୁଦେବ ଘରୋଇ ହସ୍‌ପିଟାଲକୁ ସରକାର କଳା ତାଲିକାଭୁକ୍ତ ସହ ସବୁଦିନ ପାଇଁ ବନ୍ଦ ସମେତ ୮ ଦଫା ଦାବି ନେଇ ଏହି ଆନ୍ଦୋଳନ ସୂତ୍ରପାତ ହୋଇଥିଲା। ଗତ ସୋମବାର ଏହି ହସ୍‌ପିଟାଲରେ ଲାଞ୍ଜିପଲ୍ଲୀ ଅଞ୍ଚଳର ଜଣେ ନବ ବିବାହିତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଚିକିତ୍ସାରେ ତ୍ରୁଟି ଏବଂ ଅସ୍ତ୍ରୋପଚାର ବେଳେ ମାତ୍ରାଧିକ ନିଶ୍ଚେତକ ପ୍ରୟୋଗ ଓ ସମ୍ପୃକ୍ତ ଡ଼ାକ୍ତରଙ୍କ ଅବହେଳାକୁ ଭାଜପା ମଣ୍ଡଳ କର୍ମକର୍ତ୍ତାମାନେ ଦାୟୀ କରିଛନ୍ତି। ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସହ ହସ୍‌ପିଟାଲ ମାଲିକ ମୃତ ମହିଳାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରାଯାଇଛି।

ମଣ୍ଡଳ ସଭାପତି ଶିବ ଶଙ୍କର ନାୟକ ଆନ୍ଦୋଳନର ନେତୃତ୍ୱ ନେଇଥିବା ବେଳେ ଡୁମ୍ବେଶ୍ୱର ନାୟକ, ସନ୍ତୋଷ କୁମାର ସାହୁ, ଶରତ ସାହୁ, ଅନନ୍ତ ନାରାୟଣ ମହାନ୍ତି, ସମ୍ବିତ ସିଂହଦେଓ, ଅଭିମନ୍ୟୁ ସାହୁ, ସୁବାସିନୀ ପଟ୍ଟନାୟକ, ରାମ କୁମାର ପାତ୍ରଙ୍କ ସମେତ ଶତାଧିକ କର୍ମୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ଦକ୍ଷିଣ ଓଡ଼ିଶାର ବୃହତ୍ତମ ଏମ୍‌କେସିଜି ମେଡିକାଲ କଲେଜରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇବା ଏବଂ ଆବଶ୍ୟକ ଡ଼ାକ୍ତର ନିଯୁକ୍ତି କରିବା, ବଡ଼ ମେଡିକାଲରେ ରୋଗ ନିଦାନ ପାଇଁ ସମସ୍ତ ଯନ୍ତ୍ରପାତି ରଖାଯିବା, ନକଲି ଡ଼ାକ୍ତରଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଅନ୍ତର୍ଭୁକ୍ତ।

ଅପରପକ୍ଷରେ ବ୍ରହ୍ମପୁର ସହର ଉପକଣ୍ଠରେ ଖୋଲା ଯାଇଥିବା ଘରୋଇ କ୍ଲିନିକ ଓ ରୋଗ ନିଦାନ କେନ୍ଦ୍ରଗୁଡ଼ିକୁ ବନ୍ଦ କରାଯିବା, ଘରୋଇ ହସ୍‌ପିଟାଲ ଗୁଡିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି, ସ୍ୱୀକୃତିପ୍ରାପ୍ତ ଘରୋଇ ନର୍ସିଂହୋମଗୁଡ଼ିକରେ କେନ୍ଦ୍ର ସରକାରଙ୍କ ଜନ ଔଷଧୀ କେନ୍ଦ୍ର ଖୋଲିବା ବାଧ୍ୟତାମୂଳକ କରାଯିବା, ରୋଗୀଙ୍କୁ ଶୋଷଣ କରୁଥିବା ଚିକିତ୍ସକ ଓ ଦଲାଲଙ୍କୁ ସାବାଡ଼ କରିବା, ରୋଗ ନିଦାନ କେନ୍ଦ୍ରରେ ଦରଧାର୍ଯ୍ୟ ତାଲିକା ଲଗାଇବାକୁ ଭାଜପା ଦାବି କରିଛି।



ଉପଜିଲାପାଳଙ୍କ ଅଫିସ ଆଗରେ ଭାଜପା ଶିଳ୍ପାଞ୍ଚଳ ମଣ୍ଡଳ ଶାଖାର ବିକ୍ଷୋଭ ।

# ଓଡ଼ିଆ ଭାଷାର ଭୂମିକା, ଗୁରୁତ୍ୱ

**ଅନ୍ତର୍ଜାତୀୟ ମାତୃଭାଷା ଦିବସ**

■ **ଭାବ, ଅନୁଭୂତିକୁ ମାତୃଭାଷା ହିଁ ପ୍ରକାଶ କରେ**

ବ୍ରହ୍ମପୁର ଅଫିସ, ୨୦।୨

ମାତୃଭାଷା ହେଉଛି ପ୍ରତି ମନୁଷ୍ୟର ପ୍ରଥମ ଶବ୍ଦ । ମନୁଷ୍ୟ ପ୍ରଥମେ ମାତୃଭାଷାରେ ହିଁ ନିଜ ମନର ଭାବନାକୁ ପ୍ରକାଶ କରେ । ମାତୃଭାଷା ସୁଦୃଢ଼ ହେଲେ ଜଣେ ସଫଳତାର ଶୀର୍ଷରେ ପହଞ୍ଚିପାରିବ ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ। ମାତୃଭାଷାର ସୁରକ୍ଷା ଓ ସଂରକ୍ଷିତ ରଖିବା ପାଇଁ ପ୍ରତି ବର୍ଷ ଫେବୃୟାରୀ ୨୧ ତାରିଖକୁ ବିଶ୍ୱସ୍ତରରେ ଅନ୍ତର୍ଜାତିକ ମାତୃଭାଷା ଦିବସ ଭାବେ ପାଳନ କରାଯାଏ । କିନ୍ତୁ ଦୁର୍ଭାଗ୍ୟର କଥା ଆଧୁନିକତାର ସ୍ପର୍ଶରେ ଯୁବପିଢ଼ି ବିଭିନ୍ନ ଦିବସ ଆଡ଼ମ୍ବରରେ ପାଳନ କରୁଥିବା ବେଳେ ମାତୃଭାଷା ଦିବସ ଅଛି କି ନାହିଁ ତାହା ମଧ ଜାଣିନାହାନ୍ତି । ଯେଉଁ କିଛି ହାତଗଣତି ଲୋକେ ଜାଣିଛନ୍ତି ତଥାପି ସେମାନେ ନ ଜାଣିବା ଭଳି ନୀରବଦ୍ରଷ୍ଟା ସାଜିଛନ୍ତି । ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଉକ୍ତିରେ ମାତୃଭାଷା, ମାତୃଭୂମି ପ୍ରତି ଯାହାର ମମତା, ଆବେଗ ନାହିଁ ସେ ଯେତେ ଜ୍ଞାନୀ ହେଲେ ବି ମୂର୍ଖ ସହ ସମାନ। ଆମ ରାଜ୍ୟ ଓଡ଼ିଶାର ମାତୃଭାଷା ଓଡ଼ିଆ । ଯେଉଁ ଭାଷା ବିଶ୍ୱ ଦରବାରରେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି କିନ୍ତୁ ଓଡ଼ିଶାରେ ଅବହେଳିତ ହେଉଛି । ଆଜିର ଯୁବପିଢ଼ି, ଅର୍ଦ୍ଧଶିକ୍ଷିତ, ଅଧା ଇଂଲିଶରେ କହିପାରୁଥିବା ଲୋକେ ଓଡ଼ିଆ ଭାଷାକୁ ଘୃଣା କରନ୍ତି । ଓଡ଼ିଆ ଭାଷା ପ୍ରତି ଗୁରୁତ୍ୱ ଦେଇ ଏହାର ପୁନରୁଦ୍ଧାର କରିବା ଉଚିତ ।


" ମତେ ଲାଗୁ ନାହିଁ ଯେ ଆଜି ମାତୃ ଭାଷା ଦିବସ । କାରଣ ଆମର ଯୁବ ପିଢ଼ି ପ୍ରତ୍ୟେକ ଦିବସ ପାଳନ କରୁଥିବା ବେଳେ ମାତୃଭାଷା ଦିବସକୁ ଭୁଲି ଯାଉଛନ୍ତି। ସୋସିଆଲ ମିଡ଼ିଆ ବ୍ୟବହାର ସମୟରେ ମଧ ମାତୃଭାଷାକୁ ଅନୁବାଦ କରି ଇଂଲିଶରେ ଲେଖୁଛନ୍ତି। ବର୍ତ୍ତମାନ ସରକାରୀସ୍ତରରେ ସମ୍ପୂର୍ଣ୍ଣ ଭାବରେ ମାତୃଭାଷାର ବ୍ୟବହାର ହେବା ଆବଶ୍ୟକ ।

**–ନିର୍ମଳ ପ୍ରସାଦ ସାହୁ,ସାମାଜିକକର୍ମୀ**


" ମାତୃଭାଷା ଜୀବନର ଆବଶ୍ୟକ ଅଂଶ କହିଲେ ଭୁଲ ହେବ ନାହିଁ । ଯାହା ମାଧ୍ୟମରେ ନିଜ ମନର ଚିନ୍ତା, ଅନୁଭୂତି, ପ୍ରେମ ଓ ସ୍ନେହ ପ୍ରକାଶ କରି ହୁଏ। କିନ୍ତୁ ମାତୃଭାଷାର ମୂଲ୍ୟ ଆଜି କମିବାରେ ଲାଗିଛି । ମାତୃଭାଷାକୁ ଭଲ ପାଇବା ଉଚିତ । ଓଡ଼ିଆ ଭାଷାକୁ ସମ୍ମାନ ଦେବା ସହ ସରକାରୀ ବିଦ୍ୟାଳୟ ଓ ଅନୁଷ୍ଠାନ ଗୁଡ଼ିକରେ ମାତୃଭାଷା ଦିବସ ପାଳନ କରି ଏହାର ଗୁରୁତ୍ୱ କ'ଣ ରହିଛି ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ଉଚିତ ।

**–ମଙ୍ଗୁଲୁଚରଣ ପାଣିଗ୍ରାହୀ, ଶିକ୍ଷକ**

" କେବଳ ମାତୃଭାଷା ମାଧ୍ୟମରେ ହିଁ ଜଣେ ଅନ୍ୟର ଭାବନାକୁ ସହଜରେ ଜାଣିପାରନ୍ତି । ନୂତନ ପିଢ଼ିଙ୍କର ମାତୃଭାଷାରେ ଜ୍ଞାନ ରହିବା ଆବଶ୍ୟକ। ତେଣୁ ପ୍ରତ୍ୟେକ ବ୍ୟକ୍ତି ମାତୃଭାଷାକୁ ସମ୍ମାନ ଦେବା ଉଚିତ ।


**–ସାର୍ଥକ ମୁନି, ସାମାଜିକକର୍ମୀ**


" ମୋ ମାତୃଭାଷା ହେଉଛି ଓଡ଼ିଆ । ଓଡ଼ିଆ ଭାଷା ସବୁଠୁ ନିଆରା ଓ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଅନ୍ତର୍ଜାତୀୟ ମାତୃଭାଷା ଦିବସ ମଧ ପ୍ରତ୍ୟେକ ଅନୁଷ୍ଠାନରେ ପାଳନ ହେବା ଆବଶ୍ୟକ।

**–କାକଳୀ ମହାପାତ୍ର, ଛାତ୍ରୀ**


" ମାତୃ ଭାଷା ହିଁ ମୋ ପରିଚୟ । ମୁଁ ଓଡ଼ିଆ ବୋଲି ନିଜକୁ ଗର୍ବ ଅନୁଭବ କରେ । ମାତୃଭାଷାର ମୂଲ୍ୟ ହ୍ରାସ ହେବାରେ ଲାଗିଛି । ଯୁବପିଢ଼ି ଚାହିଁଲେ ହିଁ ମାତୃଭାଷାକୁ ଏକ ନୂତନ ଢ଼ାଞ୍ଚାରେ ସାରା ବିଶ୍ୱରେ ପରିଚୟ ଦେଇ ପାରିବ ।

**–ନାରସୁ ବେହେରା, ଶିକ୍ଷକ**

## ସଂକ୍ଷେପରେ

### ଯୁବକଙ୍କୁ ହତ୍ୟା ଧମକ

ଗୋପାଳପୁର,୨୦।୨- ଜୈନିକ ଯୁବକଙ୍କୁ ଗାଳିଗୁଲଜ ସହ ହତ୍ୟା ଧମକ ନେଇ ଗୋଲନ୍ଥରା ଥାନାରେ ଗୁରୁବାର ସନ୍ଧ୍ୟାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, କନିଷିହାଟ ଗ୍ରାମର ସୁବାଶିଷ ସାହୁ ଗତ କିଛିଦିନ ତଳେ ଉକ୍ତ ଥାନା ଅନ୍ତର୍ଗତ କନିଷି ଗ୍ରାମର ୫ ହରିଜନ ପରିବାରଙ୍କ ଜମି ହଡପ ମାମଲାରେ ନ୍ୟାୟ ପ୍ରଦାନ ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ରାଜ୍ୟ ପୋଲିସ ମୁଖ୍ୟାଳୟ, ସିବିଆଇ, ଇଡି ଓ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଗତ ୧୦ ତାରିଖରେ ରାଜ୍ୟ ମାନବାଧିକାର କମିଶନ ୪ ସପ୍ତାହ ମଧ୍ୟରେ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ପୋଲିସ ଓ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତ ଖୋଲାଖୋଲି ବୁଲୁଥିଲେ ମଧ ସେମାନଙ୍କୁ ଗିରଫ କରାଯାଉ ନ ଥିବା ସୁବାଶିଷ ଅଭିଯୋଗ କରିଛନ୍ତି। ବୁଧବାର ରାତିରେ ତାଙ୍କୁ ଅଜଣା ବ୍ୟକ୍ତି ଫୋନ କରି ଗାଳିଗୁଲଜ ସହ ହତ୍ୟା ଧମକ ଦେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ନଂ.୫୨/୨୦ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବାବୁଲି ନାୟକ କହିଛନ୍ତି।

### ମଦ ଜବତ, ୩ ଗିରଫ

ଆସିକା,୨୦।୨ (ଡି.ଏନ୍.ଏ.)- ଆସିକା ପୋଲିସ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢାଉ କରି ୩ଶହ ଲିଟର ରନ୍ଧା ମଦ ଜବତ କରାଯାଇଛି। ଏହି ମାମଲାରେ ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କାଳଷଣ୍ଡପୁର ଗ୍ରାମର ସୌଭାଗ୍ୟ ନାହାକ, କାଳଷଣ୍ଡପୁର ଏରୋଗୋଲା ବସାର ଡି. କ୍ରିଷ୍ଣା ଓ ଡାକବଙ୍ଗଳା ସଂଲଗ୍ନ ଏରୋଗୋଲା ବସାର ପ୍ରଦୀପ ଦାସ। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ନଂ.୬୩, ୬୪ ଓ ୬୫/୨୦ରେ ୩ଟି ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ଅଭିଯୁକ୍ତ ଗିରଫ, ରକ୍ତଭିଜା କାଠଫାଳିଆ ଜବତ

**ବିଜୟାଲକ୍ଷ୍ମୀ ହତ୍ୟା ଘଟଣା**

ବେଗୁନିଆପଡ଼ା,୨୦।୨(ଡି.ଏନ.ଏ.)

କୋଦଳା ଥାନା ବୁରୁଝରି ଗ୍ରାମର ବିଜୟାଲକ୍ଷ୍ମୀ ହତ୍ୟାକାଣ୍ଡର ୯ମାସପରେ ପର୍ଦ୍ଦାଫାଶ କରିଛି ପୋଲିସ। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କୋଦଳା ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୁରୁଷୋତ୍ତମପୁର ଏସ୍‌ଡିପିଓ, କୋଦଳା ଓ ବେଗୁନିଆପଡା ଥାନା ଅଧିକାରୀ ଉପସ୍ଥିତ ରହି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ୩୧ ମାର୍ଚ୍ଚ ୨୦୧୯ରେ ବୁରୁଝରି ଗ୍ରାମର ବିଶ୍ୱନାଥ ନାୟକଙ୍କ ସ୍ତ୍ରୀ ବିଜୟାଲକ୍ଷ୍ମୀ ନାୟକ (୨୮) ଘରେ ଏକୁଟିଆ ଥିଲେ। ଗ୍ରାମର ବିନାୟକ ସାହୁ (୨୬) ନାମକ ଜଣେ ଯୁବକ ମହିଳାଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ପରଦିନ ମହିଳାଙ୍କ ଦେଢଶୂର ନିରଞ୍ଜନ ନାୟକ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିବା ସହ ବିନାୟକକୁ ସନ୍ଦେହରେ ଥାନାକୁ ନେଇ ଜେରା କରି ଛାଡ଼ିଥିଲା। ତଥାପି ତାଙ୍କ ଉପରେ ନଜର ରହିଥିଲା। ଇତିମଧ୍ୟରେ ପ୍ରୋବେସନରେ ଆସିଥିବା ଆଇପିଏସ୍ ଅଧିକାରୀ ଅବିନାଶ ସିଂ ବୁରୁଝରି ଆସିବା ପରେ ସରଜମିନ ତଦନ୍ତ କରି ଫେରିବା ସହ କୋଦଳା ଥାନା ଅଧିକାରୀ ଦେବାଶିଷ ମହାନ୍ତି ଓ ବେଗୁନିଆପଡ଼ା ଫାଣ୍ଡି ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ପୁଣି ବିନାୟକଙ୍କୁ ନେଇ ତଦନ୍ତକୁ ଆଗେଇ ଥିଲେ। ବିନାୟକ ଉକ୍ତ ମହିଳାଙ୍କୁ ହତ୍ୟା କରିଛି ବୋଲି ମାନିଥିଲା। ପରେ ତାଙ୍କୁ ଗିରଫ କରି କୋଦଳା ଥାନା କେସ୍ ନଂ.୭୮/୧୯ରେ କୋର୍ଟ ଚାଲାଣ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତଭିଜା କାଠ ଫାଳିଆ ଓ ରୁମାଲକୁ ପୋଲିସ ଜବତ କରିଛି। ହତ୍ୟାକାଣ୍ଡର କାରଣ ଓ ଏଥିରେ ଅନ୍ୟ କେହି ସମ୍ପୃକ୍ତ ଥିବାନେଇ ଖବରଦାତାଙ୍କ ପ୍ରଶ୍ନକୁ ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କାରେ ଏସଡିପିଓ ସୀମା ସ୍ୱାଇଁ ଅଧିକ କିଛି କହିବାକୁ ମନା କରିଥିଲେ।



ଗିରଫ ଅଭିଯୁକ୍ତ।

# ଫେରାର ଶିକ୍ଷକଙ୍କ କାଗଜପତ୍ର ଜବତ କଲା ପୋଲିସ

## ଜାଲ୍ ସାର୍ଟିଫିକେଟ୍ ଦେଇ ନିଯୁକ୍ତି ଘଟଣା

ଛତ୍ରପୁର,୨୦।୨(ଡି.ଏନ.ଏ)

ଜାଲ ସାର୍ଟିଫିକେଟ୍ ଦେଇ ଶିକ୍ଷକ ନିଯୁକ୍ତି ଘଟଣାର ଖୋଳତାଡ ଚାଲିଛି। ପୃଥକ ୩ଟି ମାମଲାରେ ଛତ୍ରପୁର, ଚମାଖଣ୍ଡି ଓ ମେରାଇନ୍ ଥାନା ପୋଲିସ ତଦନ୍ତ କରୁଥିବାବେଳେ ଜାଲ ସାର୍ଟିଫିକେଟ୍ ଦେଇ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ କାଗଜପତ୍ରର ନକଲ ଜବତ କରିଛି । ଗୁରୁବାର ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନା ଆଇଆଇସି ଶର୍ମିଷ୍ଠା ପ୍ରଧାନ ଛତ୍ରପୁରସ୍ଥିତ ସମଗ୍ର ଶିକ୍ଷା କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରୁ ଜାଲ ସାର୍ଟିଫିକେଟ୍ ଦେଇ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ଆଫିଡେଭିଟ୍, ଆବେଦନ ଫର୍ମ, ବୋର୍ଡ, ସିଟି ସାର୍ଟିଫିକେଟ୍, ମାର୍କଶିଟ୍ ଓ ଏହାର ନକଲ ନେଇଛନ୍ତି। ୧୩ ତାରିଖରେ ମେରାଇନ୍ ଥାନା ଆଇଆଇସି ଉକ୍ତ ମାମଲାରେ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ କାଗଜପତ୍ର ଜବତ କରିଥିଲେ । ପୂର୍ବରୁ ଛତ୍ରପୁର ଓ ଚମାଖଣ୍ଡି ଥାନା ପୋଲିସ ପକ୍ଷରୁ ପୃଥକ ମାମଲାରେ ଶିକ୍ଷକମାନଙ୍କ କାଗଜପତ୍ର ଜବତ କରାଯାଇଛି। ଅନ୍ୟପକ୍ଷରେ ୩ ନକଲି ଶିକ୍ଷକଙ୍କ ନାଁରେ ଥାନାରେ ଏତଲା ଦିଆଯାଇଥିବାରୁ ଗିରଫ ଭୟରେ ସେମାନେ ଏବେ ଫେରାର ଅଛନ୍ତି। ସୂଚନାଯୋଗ୍ୟ, ବୋର୍ଡରୁ ଆସିଥିବା ରିପୋର୍ଟ ଅନୁସାରେ ୩ ଶିକ୍ଷକଙ୍କ ସାର୍ଟିଫିକେଟ୍ ଜାଲ୍ ଥିବା ଜଣାପଡିଥିଲା। ଏହାପରେ ଜଣେ ଶିକ୍ଷକଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ବେଳେ ୩ ଜଣଙ୍କ ନାଁରେ ପୃଥକ ଥାନାରେ ଏତଲା ଦିଆଯାଇଥିଲା ।

# ଗୋଆରେ ଓଡ଼ିଆ ମହିଳା ଶ୍ରମିକଙ୍କୁ ହତ୍ୟା

ପାଟପୁର,୨୦।୨

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ବୁରେଇପାହାଡ଼ ଗ୍ରାମର ଜଣେ ମହିଳା ଶ୍ରମିକଙ୍କୁ ଗତ ୭ ତାରିଖରେ ଗୋଆରେ ହତ୍ୟା କରାଯାଇଛି। ସେ ହେଲେ ସାବିତ୍ରୀ ଶବର। ସାବିତ୍ରୀଙ୍କ ଭାଇ ମୃତଦେହ ଫେରାଇ ଆଣିବାକୁ ପାଟପୁର ଥାନା ଅଧିକାରୀଙ୍କୁ ଗୁରୁବାର ନିବେଦନ କରିବା ପରେ ଘଟଣା ଜଣାପଡିଥିଲା।

ପ୍ରକାଶ ଯେ, ଗୋଆ ପୋଲିସ ଗତ ୧୨ ତାରିଖରେ ସାବିତ୍ରୀଙ୍କ ପରିବାର ଲୋକଙ୍କୁ ଫୋନ କରି ତାଙ୍କ ମୃତଦେହ ନେଇଯିବାକୁ କହିଥିଲେ। କିପରି ମୃତଦେହ ଆଣିବେ ସେ ନେଇ ପରିବାର ଚିନ୍ତାରେ ଥିଲେ। ବୁଧବାର ପୁଣି ଗୋଆ ପୋଲିସ ସାବିତ୍ରୀଙ୍କ ଭାଇ ତମାସଙ୍କୁ ଫୋନ କରି ମୃତଦେହ କେବେ ଆସି ନେବେବୋଲି ପଚାରିଥିଲେ। ଶେଷରେ ତମାସ ପାଟପୁର ଥାନା ଅଧିକାରୀ ଅଜୟ କୁମାର ବାରିକଙ୍କୁ ମୃତଦେହ ଫେରାଇ ଆଣିବାକୁ ନିବେଦନ କରିଛନ୍ତି। ଜିଲା ପ୍ରଶାସନ ସହାୟତାରେ ସାବିତ୍ରୀଙ୍କ ମୃତଦେହ ଆଣିବାକୁ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ଏନେଇ ଗୋଆରୁ ଆସିଥିବା ଫୋନ୍ ନମ୍ବରରେ ଯୋଗାଯୋଗ କରିବାରୁ ଉକ୍ତ ନମ୍ବରଟି ପୋର୍‌ଭୋରିମ ଥାନାର ବୋଲି ଜଣାପଡିଥିଲା। ସାବିତ୍ରୀଙ୍କୁ ଗତ ୭ ତାରିଖରେ ହତ୍ୟା କରାଯାଇଥିଲା, ୧୦ ତାରିଖରେ ତାଙ୍କ ମୃତଦେହ ଜବତ କରିଥିଲୁ। ହତ୍ୟା ଅଭିଯୋଗରେ ଗଞ୍ଜାମ ଅଞ୍ଚଳର ଜଣେ ଓଡ଼ିଆ ଯୁବକଙ୍କୁ ମଧ୍ୟ ଅଟକ ରଖିଛୁ ବୋଲି ସମ୍ପୃକ୍ତ ଥାନାର ପୋଲିସ ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, ୫ ବର୍ଷ ତଳେ ସାବିତ୍ରୀଙ୍କ ସ୍ୱାମୀ କାଳିକା ବଡରଇତ କେଉଁଆଡେ ଚାଲିଯିବାପରେ ସେ ରୋଜଗାର ପାଇଁ ଗୋଆ ଚାଲିଯାଇଥିଲେ।



ସାବିତ୍ରୀ ଶବର (ଫାଇଲ୍ ଫଟୋ)

# ଥାନାରେ ପହଞ୍ଚିଲେ ଅପହୃତା କଲେଜ ଛାତ୍ରୀ

ହିଞ୍ଜିଳିକାଟୁ,୨୦।୨(ଡି.ଏନ.ଏ.)

ହିଞ୍ଜିଳିକାଟୁ କଲେଜ ସମ୍ମୁଖରୁ ଗତ ଶନିବାର ଛାତ୍ରୀ ଅପହରଣ ମାମଲା ନୂଆମୋଡ଼ ନେଇଛି। ଗୁରୁବାର ପୂର୍ବାହ୍ନରେ ଛାତ୍ରୀ ଜଣକ ଥାନାରେ ହାଜର ହୋଇ ତାଙ୍କୁ କେହି ଅପହରଣ କରି ନ ଥିବା ଓ ସ୍ୱଇଚ୍ଛାରେ ଯାଇଥିଲେ ବୋଲି କହିଥିଲେ। ହିଞ୍ଜିଳିକାଟୁ ଜେଏମ୍‌ଏଫସି କୋର୍ଟରେ ତାଙ୍କ ବୟାନ ରେକର୍ଡ଼ କରାଯାଇଥିବା ଆଇଆଇସି ଅଭିମନ୍ୟୁ ଦାଶ କହିଛନ୍ତି। ସୂଚନାଯୋଗ୍ୟ, ହିଞ୍ଜିଳିକାଟୁ ନଗର ଛାତ୍ର ବିଜେଡି ସଭାପତି ଥିବା ସବୀର କୁମାର ପଣ୍ଡା ତାଙ୍କୁ ଅପହରଣ କରି ନେଇଥିବା ଛାତ୍ରୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପରେ ସବୀରଙ୍କୁ ବିଜେଡିର ପ୍ରାଥମିକ ସଦସ୍ୟ ଓ ପଦବୀରୁ ବହିଷ୍କୃତ କରିଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ

ଖଲ୍ଲିକୋଟ,୨୦।୨(ଡି.ଏନ୍.ଏ.)

ଖଲ୍ଲିକୋଟ ବ୍ଲକ ଡି.ଗୁହାରିଆପାଟ ଗ୍ରାମ ରମ୍ଭା ସାଉଥ୍‌କୋ ଡିଭିଜନର କର୍ମଚାରୀ ଆର. କ୍ରୀଷ୍ଣା ରେଡ୍ଡୀ, ସାଗର କୁମାର ଦାସ, ଚନ୍ଦ୍ରଶେଖର ରଥ, ଅରକ୍ଷୀତ ନାୟକ, ଜୟସେନ ଗୌଡ଼, ବି. କେଶବ ପ୍ରଧାନ ପ୍ରମୁଖ ବକେୟା ବିଦ୍ୟୁତ ବିଲ୍ ଆଦାୟ କରୁଥିଲେ। ଯେଉଁମାନେ ବକେୟା ବିଲ୍ ଦେଉ ନ ଥିଲେ ସେମାନଙ୍କ ସଂଯୋଗ ବିଚ୍ଛିନ୍ନ କରାଯାଉଥିଲା। ଏହି ସମୟରେ ଉକ୍ତ ଗ୍ରାମର ୨ଜଣ ବ୍ୟକ୍ତି କାଠ ଫାଳିଆରେ ଉକ୍ତ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। କର୍ମଚାରୀମାନେ ଆହତ ହୋଇ ରମ୍ଭା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଆକ୍ରମଣ କରିଥିବା ଅଭିଯୁକ୍ତ ଦ୍ୱୟ ବେଆଇନ ଭାବେ ହୁକ୍ ପକାଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ରମ୍ଭା ସାଉଥ୍‌କୋ ଏସ୍‌ଡିଓ ଗୋପାଳ କୃଷ୍ଣ ପ୍ରଧାନ ଗୁରୁବାର ଖଲ୍ଲିକୋଟ ଥାନାରେ ଏତଲା ଦେଇଛନ୍ତି। ନଂ.୮୧/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।




# ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ଛତ୍ରପୁର,୨୦।୨(ଡି.ଏନ.ଏ.)–ଛତ୍ରପୁର ଥାନା ଅଞ୍ଚଳର ଏକ ସରକାରୀ ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଶିକ୍ଷୟିତ୍ରୀ ଛତ୍ରପୁର ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୪୧/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ଗୁରୁବାର ୧୬୪ ଧାରାରେ ଶିକ୍ଷୟିତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି। ପ୍ରକାଶ ଯେ, ବୁଧବାର ଶିକ୍ଷୟିତ୍ରୀ ଜଣକ ଶ୍ରେଣୀ ଗୃହରେ ପାଠ ପଢାଉଥିବାବେଳେ ହଠାତ୍ ଜଣେ ଯୁବକ ଭିତରକୁ ପଶିଆସି ତାଙ୍କୁ ଅସଦାଚରଣ ପ୍ରଦର୍ଶନ କରିଥିଲେ। ଏ ନେଇ ବୁଧବାର ସେ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ତେବେ ଅଭିଯୁକ୍ତ ଯୁବକଙ୍କ ପରିଚୟ ମିଳି ନଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି।

# କର୍କଟରେ ପୀଡ଼ିତ ଛାତ୍ର

## ଜିଲାପାଳଙ୍କୁ ଭେଟିଲେ ଶିକ୍ଷକ, ଅଭିଭାବକ

ଛତ୍ରପୁର,୨୦।୨(ଡି.ଏନ.ଏ)

ଛତ୍ରପୁର ବ୍ଲକ ଖୁରିଗାଁ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀ ଛାତ୍ର ଜଗଦୀଶ ନାହାକ କର୍କଟ ରୋଗରେ ପୀଡ଼ିତ ହୋଇଛନ୍ତି। ଖୁରିଗାଁର ବିପିନ୍ ନାହାକଙ୍କ ପୁଅ ଜଗଦୀଶ ଏବେ ଭୁବନେଶ୍ୱରରେ ଏମ୍‌ସରେ ଚିକିତ୍ସିତ ହେଉଛନ୍ତି। ବିପିନ ଗରୀବ ଶ୍ରେଣୀର ହୋଇଥିବାରୁ କେତେଜଣ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ତାଙ୍କ ପୁଅର ଚିକିତ୍ସା ଚାଲିଛି। ଗୁରୁବାର ଜଗଦୀଶଙ୍କୁ ନେଇ ଶିକ୍ଷକ ଓ ଅଭିଭାବକମାନେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ସମସ୍ୟା ଜଣାଇଥିଲେ । ଚିକିତ୍ସା ପାଇଁ ଜିଲାପାଳ ୨୦ ହଜାର ଟଙ୍କା ମଞ୍ଜୁର କରବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ଆବେଦନ କରିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଖୁରିଗାଁ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ୫,୮୦୦ ଟଙ୍କା ସଂଗ୍ରହ କରି ପ୍ରଧାନଶିକ୍ଷକ ମହେଶ୍ୱର ବେହେରା, ସହକାରୀ ଶିକ୍ଷକ ସଙ୍କର୍ଷଣ ତରେଇ, ଶିକ୍ଷୟିତ୍ରୀ ମିଲି ନାୟକ ପ୍ରମୁଖ ସହାୟତା ଦେଇଛନ୍ତି। କଣମଣା କ୍ଲଷ୍ଟରର ସିଆରସିସି କମଳ ବେହେରା, ଶିକ୍ଷକ ଜୟକୃଷ୍ଣ ବେହେରା, ସାନ ଆର୍ଯ୍ୟପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଲକ୍ଷ୍ମୀ ନାରାୟଣ ବେହେରା, କଣମଣା ସ୍କୁଲର ପ୍ରଧାନଶିକ୍ଷକ ଅଜିତ୍ ସେଠୀ ପୀଡ଼ିତ ଛାତ୍ରଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ୟୁଥ୍ ମାସ୍ ସେବା ସଂଘ ମଧ ସହାୟତା ପ୍ରଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ